# ଇଷ୍ଟ ନିଷ୍ଠା



ଜଣେ ବୁଦ୍ଧିମାନ ସାଧକର ପ୍ରତ୍ୟେକ କାର୍ଯ୍ୟକଳାପ କେବଳ ତାର ଇଷ୍ଟଙ୍କର ପ୍ରସନ୍ନତା ନିମିତ୍ତ ହୁଏ, ବିଷ୍ଣୁ ତତ୍ତ୍ୱ ପାଇଁ ବି ନୁହେ...କାହାରି ପାଇଁ ବି ନୁହେଁ। ସାଧକ କେବଳ ୨୪ ଘଣ୍ଟା ଆଉ ୭ ଦିନ କେବଳ ନିଜର ପୂଜିତ ଦେବତାର ପ୍ରସନ୍ନତା ପାଇଁ କାର୍ଯ୍ୟ କରି ଥାଏ। ତାହାଲେ ଯେବେ ବି ଆମେମାନେ ଶ୍ରବଣ କରୁଛନ୍ତି ଆମକୁ ଏହା ଚିନ୍ତନ କରିବା ଦରକାର ଯେ ମୋର ଇଷ୍ଟ ଏହା ଦ୍ୱାରା ହର୍ଷିତ ହେଉ ଛନ୍ତି କି ନାହିଁ ? କଣ ଏହି ମାଧମ ଦ୍ୱାରା ମୋର ଇଷ୍ଟ ଦେବଙ୍କର ସେବା ହେଉଛି? ଆମର ନିଷ୍ଠା ଏମିତି

ନ ହେବା ଦରକାର ଯେ କେବେ ମୁଁ ରାମଙ୍କୁ ଇଷ୍ଟ ମାନି ନେଉଛି ଆଉ କେବେ କୃଷ୍ଣଙ୍କୁ ଆଉ କେବେ ନରସିଂହଙ୍କୁ! ନା! ଏଇଟା କେବେ ବି ହୁଏ ନାହିଁ !

ଯଦ୍ୟପି କେହି ମାନି ନିଏ ଯେ କୃଷ୍ଣ ତାଙ୍କର ଇଷ୍ଟଦେବ ତେବେ ବି ରସ..ଯେଉଁ ଭାବନା ରେ ଆପଣ କୃଷ୍ଣଙ୍କ ସାଙ୍ଗ ରେ ଯୋଡି ହୋଇ ଛନ୍ତି ସେଇ କଥା ଆପଣଙ୍କୁ ସ୍ପଷ୍ଟ ଜଣା ଥିବା ଦରକାର, ତାହାଲେ ହିଁ କୃଷ୍ଣ ଯଥାର୍ଥ ରେ ଆପଙ୍କର ଇଷ୍ଟଦେବ ହେବେ ଆଉ ଆପଣ ତାଙ୍କର ସେବା କରି ପାରିବେ। ଦେଖନ୍ତୁ ଆର୍ଯ୍ୟ! ସେ ଆପଣଙ୍କର ଧର୍ମପତ୍ନୀ। ଯଦି ସେ ଜାଣେ ଯେ ଆପଣ ଜଣେ ବ୍ୟକ୍ତି କିନ୍ତୁ ଆପଙ୍କ ମଧରେ ସମ୍ବନ୍ଧ ଜାଣି ନାହାନ୍ତି...କେବେ ଭାବହୁଛନ୍ତି ଯେ ମୁଁ ତାଙ୍କର ସ୍ତ୍ରୀ..କେବେ ବୋଉ...କେବେ ଝିଅ ... ତେବେ କଣ ସେ ଆପଣଙ୍କର ସେବା ଠିକ ଭାବ ରେ କରି ପାରିବେ? କିଛି ଉଲ୍ଲାସପୂର୍ବକ କାର୍ଯ୍ୟ ସେ ଆପଣଙ୍କର ପ୍ରତି କରି ପାରିବେ? ନା! ସେମିତି ହିଁ। ଯଦି ଆପଣଙ୍କୁ ନିଜ ଇଷ୍ଟଙ୍କ ସାଙ୍ଗରେ ସମ୍ବନ୍ଧ ଜଣା ନାହିଁ ତାହାଲେ ଆନନ୍ଦବର୍ଦ୍ଧକ ସେବା କରି ପାରିବେ ନାହିଁ। ଉଦାହରଣ ସ୍ୱରୂପ ଯଦି ମାତା ଯଶୋଦା ସବୁ କିଛି ଭୁଲି ଯାଆନ୍ତି ଆଉ ଏହା ଭାବିବାକୁ ଲାଗନ୍ତି ଯେ ମୁଁ ତ କୃଷ୍ଣଙ୍କର ସଖି ଅଟେ...ଆଉ କେବେ କେବେ ମୁ ତାଙ୍କର ବୋଉ...ତେବେ କଣ ସେ କୃଷ୍ଣଙ୍କର ସେବା ଠିକ ଭାବ ରେ କରି ପାରିବେ? ନା! ଆରମ୍ଭ ରୁ ହିଁ ଆପଙ୍କୁ ସ୍ପଷ୍ଟ ହୋଇବା ଦରକାର ଯେ ମୋର ଇଷ୍ଟଦେବ କିଏ ଆଉ ମୋର ତାଙ୍କ ସାଙ୍ଗରେ ସମ୍ବନ୍ଧ କଣ । ତାହାଲେ ହିଁ ତାଙ୍କର ବାସ୍ତବିକ ସେବା ସମ୍ଭବ। ପ୍ରତ୍ୟେକ କାର୍ଯ୍ୟ ଆମର ଇଷ୍ଟଙ୍କ ପାଇଁ କରିବା ଦରକାର।

ନିଜ ଭାବ ରେ ଏକନିଷ୍ଠ୍ ହୋଇ ସେବା ନିଶ୍ଚିତ କରିବା ଏହାକୁ ହିଁ ଭାବ ର ଭାବନିଷ୍ଠା କୁହା ଯାଇଛି। ଯେବେ ଆମେ କୀର୍ତ୍ତନ କରୁଛନ୍ତି...କୀର୍ତ୍ତନ କିଛି ବିଧାନ ନୁହେଁ ଯାହା ସବୁ ପ୍ରବଚନ ପୂର୍ବରୁ ହେବା ଦରକାର। କୀର୍ତ୍ତନ କେବଳ ପ୍ରାଣପ୍ରିୟ ଇଷ୍ଟଦେବ ର ଉଲ୍ଲାସ ପାଇଁ କରା ଯାଏ। ଆମେ କୃଷ୍ଣକୀର୍ତ୍ତନ କାହିଁକି କରୁଛନ୍ତି? ଯଦି ଆମେ କେଉଁ ସାଧକ କୁ ପଚାରିବା ତେବେ ସେ ନିରୁତ୍ତର ରହିବ, ମୌନ ହୋଇ ଯିବ କାରଣ ସେ ଭାବେ ଯେ କଥା ପୂର୍ବରୁ କୀର୍ତ୍ତନ ପ୍ରାୟ ହୋଇଥାଏ ତେବେ ଏଟା ବିଧି ହୋଇଥିବ ଆଉ ଆମକୁ କରିବାକୁ ପଡିବ। ନା! ବସ୍ତାବିକତା ଏଇଟା ନୁହେ..ଆମକୁ ଇଷ୍ଟ ର ପ୍ରସନ୍ନତା ନିମିତ୍ତ କୀର୍ତ୍ତନ କରିବାର ଅଛି। ଆଉ ସେଇଥି ପାଇଁ ଆମକୁ ଜଣା ହୋଇଥିବା ଦରକାର ଯେ ଇଷ୍ଟଦେବ କେବଳ ଏକ ହୋଇ ଥାଏ, ତାହାଲେ ମୋର ଇଷ୍ଟଦେବ କିଏ ଆଉ ମୋର ସମ୍ବନ୍ଧ କଣ? ତାଙ୍କର ସେବାର ବିଧିବିଧାନ କଣ? ଶ୍ରୀରାମଙ୍କର ଭକ୍ତ ପାଇଁ କୃଷ୍ଣକୀର୍ତନ ଅନିର୍ବର୍ଯ୍ୟ ନୁହେ କାହିଁକି ନା ତାଙ୍କର ପରମ ଅଭିଷ୍ଟ ଶ୍ରୀରାମ ଅଟନ୍ତି। ଆଉ, କେତେ ଘଣ୍ଟା ପାଇଁ ନିଷ୍ଠା ହେବା ଦରକାର? ସଦା ସର୍ବଦା ପାଇଁ! ଶ୍ରୀରାମଭକ୍ତ ପାଇଁ ଶ୍ରୀବିଷ୍ଣୁ ଆଉ ଶ୍ରୀକୃଷ୍ଣ ଲାଗି ଗୋଟିଏ ନିମିଷ ମାତ୍ରର ବି ସମୟ ନାହିଁ। ଶ୍ରୀରାମ ତାଙ୍କ ପାଇଁ ସର୍ବସ୍ୱ । ତାଙ୍କ ଜୀବନର ସମସ୍ତ ମୁହୂର୍ତ୍ତ କେବଳ ଶ୍ରୀରାମଙ୍କୁ ସମର୍ପିତ ଆଉ ସଦାସର୍ବଦା ଶ୍ରୀରାମଙ୍କ ପାଇଁ ହିଁ ରହିବ। ଇଷ୍ଟଦେବଙ୍କର ସ୍ପଷ୍ଟତା ପରମ ଅନିର୍ବାର୍ଯ୍ୟ।

ଯେବେ ବି ଆମେ କୀର୍ତ୍ତନ କରୁଛନ୍ତି, ଆମର ଇଷ୍ଟଙ୍କର ପ୍ରସନ୍ନତା ହିଁ ଆମର ଉଦ୍ଦେଶ୍ୟ ହେବା ଦରକାର। ଏବେ ଆମେମାନେ କୃଷ୍ଣନାମ ର କୀର୍ତ୍ତନ କେଉଁ ଭାବ ରେ କରିବା? ଆମେ କୃଷ୍ଣ, କୃଷ୍ଣ, ଗୋବିନ୍ଦ, ଗୋବିନ୍ଦ ଗାଆନ୍ତି ..କିନ୍ତୁ କେତେ ବିଚାରଶୂନ୍ୟ ହୋଇ, କିଛି ବି ନ ଜାଣି। ଏହା ଉଚିତ ମାର୍ଗ ନୁହେ। ଗୋଟିଏ ବିଚାରବାନ ଏମିତି କେବେ ବି କରେ ନାହିଁ। ପୁଣି ସେଇ ମାନେ କେମିତି କରନ୍ତି ? ସେଇ ମାନେ କେଉଁ ପ୍ରକରରେ କୃଷ୍ଣନାମ ନିଅନ୍ତି? ସେଇ ପ୍ରକାର ରେ ଯେଉଁ ଥିରେ ଶ୍ରୀଯୁଗଳଙ୍କର, ତାଙ୍କର ଇଷ୍ଟର, ପ୍ରୀତି ବର୍ଦ୍ଧମାନ ହୋଇ ଥାଏ।

ଆମେମାନେ କୃଷ୍ଣନାମର ଗାନ କେମିତି କରନ୍ତି? ଯେବେ ଆମେ ସଖିମଞ୍ଜରୀ ମାନଙ୍କୁ ଦେଖନ୍ତି କୃଷ୍ଣନାମ ଗାଇବା ର.. ସେ ମାନେ କେମିତି ଆଉ କାହିଁକି କରନ୍ତି? ଆମେମାନଙ୍କୁ ବି ସେଇ ଭବନରେ କୀର୍ତ୍ତନ କରିବାର ଅଛି। ଆମେ ମାନେ ଗୌଡ଼ୀୟ ବୈଷ୍ଣବ ଅଟନ୍ତି ନା? ଆମକୁ ଜଣା ହେବା ଦରକାର ଯେ ଆମେ ଶ୍ରୀଯୁଗଳନାମ ଉଚ୍ଚାରଣ କେଉଁ ଭାବନା ସହିତ କରୁଛନ୍ତି। ହରେକୃଷ୍ଣ ନାମକୀର୍ତ୍ତନର ଭାବ ଆମକୁ ଅଙ୍ଗିକାର କରିବାର ଅଛି। ଆମର କେମିତୀକା ଭାବନା? ଯେବେ କିଶୋରୀଜୁ, ସ୍ୱାମିନୀଜୁ ଶ୍ରୀମତୀ ରାଧିକା ବିୟୋଗଜ୍ୱାଲାରେ ଦଗ୍ଧ ହୋଇ ଅଟେତେ… ତେବେ ସଖି ଏବଂ ମଞ୍ଜରୀମାନେ କୃଷ୍ଣକୀର୍ତ୍ତନ ମାଧମରୁ ତାଙ୍କର ହୃଦୟରେ ପ୍ରାଣ ସଂଚାରିତ କରନ୍ତି। ଆଉ ତାଙ୍କୁ ଶ୍ରୀକୃଷ୍ଣଙ୍କର ନାଁ ଅତି ମଧୁର ବି ଲାଗେ। ତେବେ ତାଙ୍କର ଆନନ୍ଦ ପାଇଁ ବି ଆମେ କୀର୍ତ୍ତନ କରିଥାଆନ୍ତି।

ଭକ୍ତିଅଙ୍ଗଙ୍କୁ କ୍ରିୟାନ୍ୱିତ କରିବାର ଲକ୍ଷ୍ୟ କେବଳ ଇଷ୍ଟସେବା ହେବା ଦରକାର। ଆଉ ତାହା ସମ୍ପୂର୍ଣ ଜ୍ଞାନ ଆଉ ଚେତନା ସହିତ ହେବା ଦରକାର। ନରୋତ୍ତମ ଦାସ ଠାକୁର କୁହନ୍ତି:

**ଭାଗବତ ଶାସ୍ତ୍ର ମର୍ମ, ନବବିଧି ଭକ୍ତି ଧର୍ମ,**
**ସଦାଇ କରିବ ସୁସେବନ।**
**ଅନ୍ୟ ଦେବାଶ୍ରୟ ନାହିଁ, ତୋମାରେ କହିଲ ଭାଇ,**
**ଏହି ଭକ୍ତି ପରମ ଭଜନ।। (ପ୍ରେମଭକ୍ତିଚନ୍ଦ୍ରିକା ୧୧)**

ପୂର୍ବକାଳରେ, ଗୋଟିଏ ସଜ୍ଜନ ଗୋଟିଏ ସିଦ୍ଧ ମହାତ୍ମା କୁ ପଚାରିଲେ: "ମୁ ଶୁଦ୍ଧ ଭକ୍ତି କରିବା କୁ ଆତୁର, ମୋର କଣ କରିବା ଉଚିତ ହେବ? ମୋତେ କଣ ମୁଲ୍ୟ ଦେବା କୁ ପଡିବ?" ସେଇ ସିଦ୍ଧ ମହାତ୍ମା ଉତ୍ତର ଦିଅନ୍ତି, "ଶୁଦ୍ଧ ଭକ୍ତି କେବଳ ଦୁଇ କଉଡ଼ି ରେ ଆସେ!" ହତପ୍ରଭ ହୋଇ ଗଲେ ନା? ଏମିତି କାହିଁକି? କାହିଁକି ନା ସେ ସମୟ ରେ ନରୋତ୍ତମ ମହାଶୟଙ୍କର ଗ୍ରଂଥ ପ୍ରେମଭକ୍ତିଚନ୍ଦ୍ରିକା ଆଉ ପ୍ରାର୍ଥନା ମାତ୍ର ଦୁଇ କଉଡ଼ି ରେ ଆସୁ ଥିଲା। ଏହି ଦୁଇ ଗ୍ରଂଥର ଅଧ୍ୟୟନ ଆଉ ଅନୁସରଣରୁ ଜିବାତ୍ମା ସର୍ବଶ୍ରେଷ୍ଠ ସେବା ର ଅଧିକାରୀ ବନି ଯାଏ। ତାହାଲେ ଏଇ ପ୍ରେମଭକ୍ତିଚନ୍ଦ୍ରିକା କହେ ଯେ: *ଭାଗବତ ଶାସ୍ତ୍ର ମର୍ମ*..ଭାଗବତର ତତ୍ତ୍ୱ କଣ? ନବବିଧି ଭକ୍ତି। ଆଉ ତାହା କେମିତି କରା ଯାଏ? ସଦାଇ କରିବ ସୁସେବନ। ସେବନ ମାତ୍ର ନୁହେ, ସୁସେବନ। ଯେବେ ଆମେ ଶ୍ରବଣ କରନ୍ତି... ବୁଦ୍ଧିମାନ ସାଧକ କେବେ କିଛି ବି ଶୁଣେ ନାହିଁ...ଭାଗବତକଥା ବି ନୁହେ! ଯେଉଁମାନେ ମଞ୍ଜରୀ ଅଟନ୍ତି...ମହାପ୍ରଭୁଙ୍କର ଅବତରଣର କାରଣ ସବୁ ଜୀବଙ୍କୁ, ସବୁ ପତିତ ଜୀବଙ୍କୁ ମଞ୍ଜରୀଭାବ ପ୍ରଦାନ କରିବା...ତେବେ ଆମ ମାନଙ୍କୁ ଶ୍ରବଣ କାହିଁକି କରିବାର ଅଛି? କାହାର ପ୍ରସନ୍ନତା ପାଇଁ? ଶ୍ରୀରାଧାରାଣୀଙ୍କର ପ୍ରସନ୍ନତା ପାଇଁ।ଏହି ପ୍ରକାର ନିଷ୍ଠାର ଆବଶ୍ୟକତା ଅଟେ...ଏହି ମାର୍ଗ ଦ୍ୱାରା ହିଁ ସିଦ୍ଧି ଲଭ୍ୟ।

ପ୍ରାୟ ଆମେ ସିଦ୍ଧ ମହାଜନଙ୍କ ସମାଧିସ୍ଥଳକୁ ଯାଇ ଶ୍ରଦ୍ଧା ଅର୍ପଣ କରନ୍ତି। କିଂତୁ ଟିକିଏ ଗହନ ଚିନ୍ତନ କରନ୍ତୁ..କେଉଁ  କାରଣ ଲାଗି ସେଇ ମାନେ ସିଦ୍ଧ ହୋଇଛନ୍ତି? ସେ ମାନେ ଗୋଟିଏ ଭାବରେ ରହି ସେଇ ଭାବରେ ନିଷ୍ଠା ପ୍ରାପ୍ତ କଲେ ଆଉ ତତ୍ପଶ୍ଚାତ୍ ଭାବସିଦ୍ଧିର ଉପଲବ୍ଧି କଲେ। କାହାର ସିଦ୍ଧି? ନିଜ ଜୀବନରେ ଯେଉଁ ଭାବରେ ସେ ମାନେ ନିଷ୍ଠ ଥିଲେ।

ଜଣଙ୍କୁ ଗୋଟିଏ ବିଶେଷ ଭାବରେ ସ୍ଥିର ହୋଇ ସେଥିରେ ସମ୍ପୁର୍ଣତଃ ଆତ୍ମସାତ ହୋଇ ଯିବାର ଅଛି। ତତ୍ପଶ୍ଚାତ ହିଁ ସେହି ଭଗବାନଙ୍କର ସେବା କରି ପାରିବ। ଗୋଟିଏ ବ୍ୟକ୍ତି ସଖିଭାବରେ ସିଦ୍ଧ ହୋଇ ପାରିବ...କିନ୍ତୁ ଗୌଡିୟ ବୈଷ୍ଣବ ସମ୍ପ୍ରଦାୟରେ, ମହାପ୍ରଭୁଙ୍କର ପ୍ରଣାଳୀରେ, ସିଦ୍ଧ ମହାତ୍ମାମାନେ କେବଳ ମଞ୍ଜରିଭାବର ହୁଅନ୍ତି। ଗୌଡିୟ ବୈଷ୍ଣବ କେବେ ବି ଭଗବାନ ରାମଙ୍କର ବା ନରସିଂହଙ୍କର ଭକ୍ତ ହୁଏ ନାହିଁ। ସେ କେବେ ବି ତାଙ୍କର ନିତ୍ୟସେବା କରି ନ ଥାଏ। ଏହାର ପ୍ରମାଣ କଣ? ପୁନଃ, ପ୍ରେମଭକ୍ତିଚନ୍ଦ୍ରିକା:

**ଆପନ ଆପନ ପଥ, ତାତେ ହବ ଅନୁରତ,**
**ଇଷ୍ଟଦେବ ସ୍ଥାନେ ଲୀଳା ଗାନ।**
**ନୈଷ୍ଠୀକ ଭଜନ ଏଇ, ତୋମାରେ କହିଲ ଭାଇ,**
**ହନୁମାନ୍ ତାହାତେ ପ୍ରମାଣ।। (ପ୍ରେମଭକ୍ତିଚନ୍ଦ୍ରିକା ୨୮)**

ନୈଷ୍ଠୀକ ଭଜନ ମାନେ ନିଷ୍ଠା ପୁରିତ ଭଜନ। ବାସ୍ତବରେ, ଭକ୍ତି ମାନେ ନିଜ ଇଷ୍ଟଦେବଙ୍କର ଏକାନ୍ତିକ ଉପାସନା। ଶ୍ରୀଶ୍ରୀରାଧାକୃଷ୍ଣ ଆଉ ପଂଚତତ୍ତ୍ୱ ଏକାସାଙ୍ଗରେ ଗୌଡିୟ ମାନଙ୍କ ପାଇଁ ଇଷ୍ଟଦେବ ଅଟନ୍ତି। ପୂର୍ଣ ଶ୍ରଦ୍ଧା ଆଉ ବିଶ୍ୱାସ ସହିତ ସାଧନାଭକ୍ତି କରିବା ଦରକାର, କାହିଁକିନା କୁହା ଯାଇଛି: *ହନୁମାନ ତାହାତେ ପ୍ରମାଣ* । ଗୌଡିୟ ବୈଷ୍ଣବଙ୍କୁ ଯେଉଁ ବି କାର୍ଯ୍ୟ କରିବାର ଅଛି ସେହି ମାତ୍ର ରାଧାରାଣୀଙ୍କର ପ୍ରେମପ୍ରାପ୍ତି ପାଇଁ। ଆଉ କେବଳ ସେହି ଶ୍ରବଣ କୀର୍ତ୍ତନ ଆପଣଙ୍କର ସାଧନାର

ଅଙ୍ଗ। ଭାଗବଦ କଥା ଆଉ ଭାଗବଦ ତତ୍ତ୍ୱବିବେଚନ ଆମର ଶ୍ରବଣକୀର୍ତ୍ତନ  ନୁହେଁ। ଆପଣଙ୍କର ଆଉ ହନୁମାନଙ୍କର ସାଧନାଭକ୍ତି ଭିନ୍ନ ଅଟେ। ଶ୍ରୀହନୁମନ୍ତ ଭଗବାନ ରାମଙ୍କର ନିତ୍ୟ ପାର୍ଷଦ ଅଟନ୍ତି! ଯଦି ଆପଣ ଦ୍ୱାରିକାନାଥଙ୍କୁ ପ୍ରସନ୍ନ କରିବାକୁ ଚାହଁନ୍ତି ତାହାଲେ ତାହାର ଭିନ୍ନ ପଦ୍ଧତି। ଏଇ ସବୁ ସାଧନାଭକ୍ତି ଗୋଟିଏ ଆଉ ଅଭିନ୍ନ କେବେ ବି ହୋଇ ପାରିବେ ନାହିଁ।

ଏକବାର ଦ୍ୱାରିକାନାଥ ଗରୁଡ଼ଙ୍କୁ ହନୁମାନଙ୍କ ସମ୍ମୁଖ ପଠାନ୍ତି କହିବା କୁ ଯେ ତାଙ୍କୁ ଦ୍ୱାରିକାଧିଶ ଡାକୁଛନ୍ତି। ଗରୁଡ଼ଙ୍କର ବାରମ୍ବାର ପ୍ରାର୍ଥନା କରିବା ପରେ ବି ହନୁମାନ ତାଙ୍କର କଥା ଶୁଣିଲେ ନାହିଁ। ଯେବେ ଗରୁଡ଼ ଦ୍ୱାରିକାଧିଶଙ୍କୁ ସୁଚିତ କଲେ ତ ସେ ପୁନଃ ଆଜ୍ଞା କଲେ: ଏବେ ତାଙ୍କୁ ଯାଇ କୁହନ୍ତ ଯେ ରଘୁନାଥଶ୍ରୀ ଆପଣଙ୍କୁ ସ୍ମରଣ କରୁଛନ୍ତି। ଯେବେ ହନୁମାନ ଏହି ସୂଚନା ଶୁଣିଲେ, ତତ୍କାଳ, ଫଟାକ୍ କୁଦି ଦ୍ୱାରିକା ଆଗମନ କଲେ। ଆଉ ଦ୍ୱାରିକାନାଥ, ବଳରାମ ଆଉ ସତ୍ୟଭାମା ତୁରନ୍ତ ହିଁ ସୀତା ରାମ ଲକ୍ଷ୍ମଣର ରୂପ ଧାରଣ କରିନେଲେ। ନୈଷ୍ଠୀକ ଭଜନ ଏହି, *ହନୁମାନ ତାହାତେ ପ୍ରମାଣ।* ଏହା ଭଲଭାବରେ ଜାଣିନିଅନ୍ତୁ ଯେ ଶୁଦ୍ଧଭକ୍ତ ସେବାର୍ଥ ସ୍ୱୟଂଭଗବାନଙ୍କର ଡାକରେ ବି ଆସନ୍ତି ନାହିଁ। କାହିଁକିନା ଗୋଟିଏ ଶୁଦ୍ଧଭକ୍ତ ରାତ୍ରିଦିନେ ନିଜ ଭାବରେ ହିଁ ସମ୍ପୂର୍ଣତଃ ସନ୍ତୁଷ୍ଟ ହୋଇ ଥାଏ। ସେ କେବେ ବି ଅନ୍ୟ ବିଷ୍ଣୁତତ୍ତ୍ୱଙ୍କର ସେବା କରିବାର ଭାବେ ବି ନାହିଁ। ଏହି ଏକାନ୍ତିକ ମାର୍ଗ ଗୁରୁଗୌରାଙ୍ଗଙ୍କୁ ମୁଦିତ କରି ଥାଏ। କେବଳ ଏହି ଜିନିଷ ଆବଶ୍ୟକ ଅଟେ।

ଆମେ ଦେଖନ୍ତି ବଡ଼-ବଡ଼ ସଂସ୍ଥା ଏବଂ ମନ୍ଦିର ଯେ ନିଜକୁ ଗୌଡିୟ ବୈଷ୍ଣବ ସମ୍ବୋଧିତ କରନ୍ତି। ସେ ମାନେ ସିତାରାମ-ଲକ୍ଷ୍ମଣ-ହନୁମାନ, ଲକ୍ଷ୍ମୀ-ନରସିଂହ, ବାମନ, ବରାହ, କୃଷ୍ଣ-ବଳରାମ, ରାଧାକୃଷ୍ଣ ଆଉ ଗୌରନିତାଇଙ୍କର ବିଗ୍ରହ ସ୍ଥାପିତ କରନ୍ତି। କିନ୍ତୁ ଏହା ନୈଷ୍ଠୀକ ଭଜନ  ନୁହେଁ। ପ୍ରିୟ ଭକ୍ତଗଣ! ଏହି ଏକାନ୍ତିକ ଭଜନ, ଏକ ନିଷ୍ଠତା ଆଉ ଏକ ରସନିମଜ୍ଜନ ର ମାର୍ଗ  ନୁହେଁ! ଏହି ପ୍ରକ୍ରିୟା ଦ୍ୱାରା ନିଷ୍ଠା ଦୁର୍ଲଭ, କାରଣ ଯେ ନିଷ୍ଠା କେବଳ ଗୋଟିଏ ବିଶେଷ ଭାବରେ ପ୍ରାପ୍ତ ହୋଇ ଥାଏ।

ଗୋସ୍ୱାମୀଗଣଙ୍କର ମୂଳଶିକ୍ଷା କଣ? **ରାତ୍ରି ଦିନେ କରି ରାଧାକୃଷ୍ଣର ସେବନ।** ଏହା ହିଁ ସଡ଼ଗୋସେଇଁଙ୍କର ପରମ ଶିକ୍ଷା...ରାଧାକୃଷ୍ଣଙ୍କର ରାତି ଆଉ ଦିନ ନିରନ୍ତର ସେବା କରିବା। ତେବେ କୃଷ୍ଣଦାସ କବିରାଜ କଣ କହୁଛନ୍ତି? ରାତ୍ରି ହେଉ ଅଥବା ଦିନ କେବଳ ରାଧାକୃଷ୍ଣଙ୍କର ସେବା କରନ୍ତୁ...ସେ କହୁ ନାହାନ୍ତି ସିତାରାମେର, କୃଷ୍ଣବଲରାମେର ଅଥବା ନରସିଂହଦେବେର! ଯଦି କେହି ନରସିଂହଦେବଙ୍କର ନିତ୍ୟସେବା ରେ ସଂଲଗ୍ନ ଅଛି, ତାହାଲେ ସେହି ସଡଗୋସେଇଁଙ୍କର ମୂଳଶିକ୍ଷାର ଅବହେଳନା କରୁଛି। ରାତ୍ରିଦିନେ କରି ରାଧାକୃଷ୍ଣର ସେବନ...ତାଙ୍କ ଜ୍ଞାନ ଆଉ ସାକ୍ଷାତକାରକୁ ଅପମାନିତ କରି କେହି ବି ଭାବସିଦ୍ଧି କରି ପାରିବ ନାହିଁ।

ଯେବେ ମୁଁ ରାଧକୁଣ୍ଡର ଆରତୀ କରେ, ତେବେ ମୁଁ ନିଜ ସ୍ୱରୁପର ଚିନ୍ତନ କରେ..ମୋର ବାସ୍ତବିକ ମଞ୍ଜରୀ ସ୍ୱରୂପର। ଠାକୁରଙ୍କର ସେବା କେବଳ ନିଜ ବାସ୍ତବିକ ସ୍ୱରୂପରେ ହିଁ ସମ୍ଭବ। ସ୍କନ୍ଦପୁରାଣ କହେ:

**ଦେବମ୍ ଭୁତ୍ୱା ଦେବମ୍ ଯଜେତ ନ ଅଦେବୋ ଦେବମ୍ ଆଚରୟେତ୍ ।**

ଦେବଙ୍କର ଅଥବା ଆଧ୍ୟାତ୍ମିକ ଚେତନାର ଅର୍ଚ୍ଚନା କରିବା ପାଇଁ ଆପଣଙ୍କୁ ବି ଆଧ୍ୟାତ୍ମିକ ହେବା କୁ ପଡିବ। ଯେବେ କାହାର ଦୀକ୍ଷା ହୋଇ ଥାଏ, ସେ ଯୋଗ୍ୟ ହୋଇ ଯାଏ ଆଉ ସେବାଧିକାର ପ୍ରାପ୍ତ କରି ଥାଏ।

**ଏଇ ନିବେଦନ ଧର, ସଖିର ଅନୁଗତ କର,**
**ସେବାଧିକାର ଦିୟ କର ନିଜ ଦାସୀ ।**

ଯଦି କିଏ ଭାବି ନିଏ ଯେ ସେ ରାଧାକୃଷ୍ଣଙ୍କର ସେବା କେମିତି ବି କରି ପାରିବ, ତାହାଲେ ସେ କେବଳ ଭ୍ରମ ପାଳି ରଖିଛି। କେଉଁ ସମ୍ବନ୍ଧ ଦ୍ୱାରା ଆପଣ ସେବା କରୁଛନ୍ତି? କୁହନ୍ତୁ! କଣ ରାଧାରାଣୀଙ୍କର ଆରତୀ କରିବା କିଛି ଉପହାସର ବିଷୟ? ହନୁମାନ ବି

ତାଙ୍କର ସେବଧିକାରି  ନୁହେଁ..ଆପଣ କେମିତି କରୁଛନ୍ତି? ହନୁମାନଙ୍କୁ ଛାଡ଼ନ୍ତୁ...ସ୍ୱୟଂ ନନ୍ଦମହାରାଜ ବି ରାଧାରାଣୀଙ୍କର ନିକୁଞ୍ଜସେବା କରି ପାରିବା ପାଇଁ ଆୟୋଗ୍ୟ। ଆଉ ଆପଣ ଭାବୁଛନ୍ତି ଯେ ସମ୍ବନ୍ଧ ଅଭାବ ରେ ଆପଣ ସେବା କରି ପାରିବେ?

ପ୍ରାୟ ଭକ୍ତମାନେ ମଙ୍ଗଳା ଆରତୀକୁ ଯିବାର ଦେଖା ଯାଏ କିନ୍ତୁ ସେ ମଙ୍ଗଳା ଆରତୀ ଗମନର ରହସ୍ୟ ଜାଣନ୍ତି ନାହିଁ। ମଙ୍ଗଳା ଆରତୀ କଣ? ମଙ୍ଗଳା କେଉଁଠି ହୋଇ ଥାଏ? ଯମୁନାତଟବର୍ତ୍ତୀ ନିକୁଞ୍ଜରେ। ଆପଣ ମଙ୍ଗଳା କୁ ଯାଉଛନ୍ତି କିନ୍ତୁ କିଏ ବସ୍ତାବିକତାରେ ଯାଇ ପାରିବ? ଲଣ୍ଡନ, ଆମେରିକା ଆଉ ଭାରତର ବ୍ୟକ୍ତିମାନେ ମଙ୍ଗଳାକୁ ଯାଇ ପାରିବେ ନାହିଁ..କେବଲ ସଖିମଞ୍ଜରୀମାନେ ହିଁ ଯାଇ ପାରିବେ। ଯଦି ଆପଣ ମଙ୍ଗଳାରେ ପ୍ରବେଶ କରୁଛନ୍ତି ତାହାଲେ ସ୍ମରଣ ରଖନ୍ତୁ ଯେ ଆପଣ ଗୋଟିଏ ମଞ୍ଜରୀ ଅଟନ୍ତି। ଯେଉଁମାନେ କୀର୍ତ୍ତନ କରୁଛନ୍ତି- ହରେକୃଷ୍ଣ ଅଥବା ରାଧେରାଧେ- ତାଙ୍କୁ ଜଣା ହେବା ଦରକାର ଯେ ମଞ୍ଜରୀମାନେ କୀର୍ତ୍ତନସମୟରେ ନୃତ୍ୟ କରନ୍ତି...କିନ୍ତୁ ଗୋପବାଳକ ମାନେ ନା ମଙ୍ଗଳାକୁ ଆସନ୍ତି ନା କୀର୍ତ୍ତନ-ନୃତ୍ୟ କରନ୍ତି। ସେଇଥି ପାଇଁ ଯଦି ଆପଣ ମଙ୍ଗଳାକାଳରେ ନୃତ୍ୟ କରିବା କୁ ଉତ୍ସୁକ ତେବେ ସ୍ମରଣ ରଖନ୍ତୁ ଯେ ଆପଣ ସଖି ବା ମଞ୍ଜରୀ ଅଟନ୍ତି। ଅନ୍ୟଥା ଆପଙ୍କର ନୃତ୍ୟ କେବଳ ନିଜ ତୁଷ୍ଟି ପାଇଁ, ଇଷ୍ଟତୁଷ୍ଟି ପାଇଁ ନୁହେଁ। କଣ ସବୁଭକ୍ତ ଯୁଗଳଙ୍କର ଆରତୀ କରି ଥାଆନ୍ତି? ନାହି! କେବଳ ଲଳିତାସଖୀ କରି ଥାଆନ୍ତି ଆଉ ଏହା ତାଙ୍କର ନିତ୍ୟସେବା। ଆମକୁ ଏଇ କଥା ଜଣା ହେବା ଦରକାର, ଏହା ହିଁ ଭଜନ ନିଷ୍ଠା।

ଯଦି କିଏ କୀର୍ତ୍ତନ କରିଥାଏ ବା ଅର୍ଚ୍ଚନା କରୁଛି, ତାହାଲେ ନିଶ୍ଚିତ ସ୍ପନ୍ଦନ ମାତ୍ର ହିଁ ଆପଣଙ୍କୁ ଉଚ୍ଚସ୍ଥିତି ପ୍ରଦାନ କରିବ। କିନ୍ତୁ ଯଦି ସେ ସେହି ଭାବନା ଆଉ ଚେତନାରେ କୀର୍ତ୍ତନ ନ କରେ ... ଯେ ସେ ଗୋଟିଏ ସଖିମଞ୍ଜରୀ ଅଟେ...ତାହାଲେ ସେ ବୁଦ୍ଧିହୀନ ଚେତନାର ଅବସ୍ଥା ଆପଣଙ୍କୁ ବି ଆଘାତ କରିବ। ସେ ନିଜେ ଜାଣେ ନାହିଁ, ଆଉ ଅନ୍ୟମାନେ ବି ଜାଣନ୍ତି ନାହିଁ..ଆଉ ଆମେ ଭାବୁଛନ୍ତି ଯେ ଆମେ ମଙ୍ଗଳାର 'ମୋରନିଂ ପ୍ରୋଗ୍ରାମ' ପାଳନ କରୁଛନ୍ତି; ଏହା 'ମୋରନିଂ ପ୍ରୋଗ୍ରାମ'  ନୁହେଁ! ଏହା ତ ମଙ୍ଗଳା ଆରତୀ ! ପ୍ରିୟ ଯୁଗଳଙ୍କର ଆରତୀ କରିବା ମଞ୍ଜରୀମାନଙ୍କର ନିତ୍ୟ ସେବା,ନିତ୍ୟ! ତତ୍ପଶ୍ଚାତ ଆପଣ ଭାବନ୍ତି ଯେ ଏବେ ଆମେ ଯାଉଛନ୍ତି...ନାଇଁ, ନାଇଁ, ନାଇଁ! ତତ୍ପଶ୍ଚାତ ଆପଙ୍କର ଆଗାମୀ ସେବାର ବେଳା! ରାତ୍ରିଦିନେ କରି ରାଧାକୃଷ୍ଣର ସେବା...ମଙ୍ଗଳା ପରେ ଆମର ସେବା କଣ? ଆପଣ କିଶୋରୀଜୁଙ୍କୁ ପୁନଃ ତାଙ୍କର ଗୃହକୁ ନେଇ ଯାଆନ୍ତି... ଆଉ ପୁଣି ତାଙ୍କର ପଦ୍ମପାଦଙ୍କର ସେବା କରନ୍ତି..ତାଙ୍କୁ ଶୟନ କରାନ୍ତି...ପୁଣି କିଛି ସମୟ ପରେ ତାଙ୍କୁ ଉଠେଇ ତାଙ୍କର ମୁଖମାର୍ଜ୍ଜନ କରନ୍ତି...ଏହି ପ୍ରକ୍ରିୟାକୁ ଭଜନନିଷ୍ଠା କୁହା ଯାଇଛି..ଯାହାକୁ ଆପଣ ରାତ୍ରିଦିନ କରି ଥାଆନ୍ତି। କଣ ଆପଣ ରାଧାକୃଷ୍ଣଙ୍କର ସେବା ପାଇଁ ଲାଳାୟିତ? ତାହାଲେ ପ୍ରଥମେ ବୁଝନ୍ତୁ ରାଧାରାଣୀଙ୍କର ସେବା କଣ? ଭିନ୍ନ ପ୍ରକାରର ସେବା କେମିତି କରା ଯାଏ? *ସଦାଇ କରିବ ସୁସେବନ*..ସଦା ତାଙ୍କର ସେବାରେ ମଗ୍ନ ରୁହନ୍ତୁ। କେବଳ ସେବା  ନୁହେଁ..ସୁସେବା...ସଠିକ ପ୍ରକ୍ରିୟା ଦ୍ୱାରା ସେବନ କରନ୍ତୁ।

ପୁନଃ ପୁନଃ ଭକ୍ତମାନେ କୁହନ୍ତି...ଆମର ଗୁରୁଦେବ ଏହା କହିଛନ୍ତି... ତାହା କହିଛନ୍ତି। ଯଦି ସ୍ୱୟଂ ଦ୍ୱାରିକାଧିଶ ବି ଆସି କିଛି କୁହନ୍ତି ତାହାଲେ ବି ଆମକୁ ଅନୁସରଣ କରିବାର ଆବଶ୍ୟକତା ନାହିଁ, ପୁଣି କେଉଁ ଗୁରୁ ବା ସଂସ୍ଥା କଣ? ଯଦି ଦ୍ୱାରିକାଧିଶ ବି ଆସି କୁହନ୍ତି "ଆସ! ମୋର ସେବା କର!" ତେବେ ବି ଆମକୁ କିଛି କରିବାର ଦରକାର ନାହିଁ। ଶ୍ରୀହନୁମାନଙ୍କର ଭାବନିଷ୍ଠା ଦେଖନ୍ତୁ। ଦ୍ୱାରିକାଧିଶଙ୍କର ଏହି ଲୀଳା ଆମ ଅଜ୍ଞ ସାଧକମାନଙ୍କ ପାଇଁ ଗୋଟେ ଇଷ୍ଟନିଷ୍ଠାର ସୂତ୍ର ଅଟେ, ତାହାଲେ ଆମେ କେବେ ବି ସେବାରୁ ବିମୁଖ ହେବା ନାହିଁ, କେବେ ବି  ନୁହେଁ! କେହି କିଛି ବି କହେ, ଆମକୁ ଆମର ଭାବରେ ନିଷ୍ଠା ରଖିବାକୁ ପଡ଼ିବ। ସେବାନିଷ୍ଠ ରହି ସଦା ପୂର୍ଣସନ୍ତୁଷ୍ଟ ଏବଂ ଅନନ୍ଦଚିତ୍ତ ରୁହନ୍ତୁ।
ମଞ୍ଜରୀମାନେ କେବେ ବି କୃଷ୍ଣଙ୍କର ଅଭ୍ୟନ୍ତରସଙ୍ଗ କରନ୍ତି ନାହିଁ। ସଖି ମାନେ କୃଷ୍ଣଙ୍କ ସାଙ୍ଗରେ ଶାରୀରିକ ସମ୍ବନ୍ଧ ରଖନ୍ତି। କୃଷ୍ଣ କେବଳ ମଞ୍ଜରୀମାନଙ୍କ ଉପରେ ଦୟାବର୍ଷଣ କରିବା ପାଇଁ କୁହନ୍ତି "ହେ ମଞ୍ଜରୀ ଆସ! ମୁ ଏକୁଟିଆ ଅଛି! କେହି ବି ଦେଖିବେ ନାହିଁ! ଆସ! ମୋର ଆଲିଙ୍ଗନ କର! ମୋ ସାଙ୍ଗରେ ମାଧୁର୍ଯ୍ୟସମ୍ବନ୍ଧ ସ୍ଥାପିତ କର!" କିନ୍ତୁ ମଞ୍ଜରୀ ମାନେ କଣ ଉତ୍ତର ଦିଅନ୍ତି? "ମୁଁ ନିଜର ପ୍ରାଣ ଆପଣଙ୍କୁ ସମର୍ପିତ କରି ଦେବି କିନ୍ତୁ ମୋର ଦେହ କେବଳ କିଶୋରୀଙ୍କର ସେବାର୍ଥ ମାତ୍ର।" ସେଥି ପାଇଁ ମୁଁ ଆପଣଙ୍କୁ ଇଷ୍ଟନିଷ୍ଠା ପାଇଁ କହୁ ଥିଲି। ହନୁମାନ ତ ଦ୍ୱାରିକନାଥଙ୍କର କଥା ଶୁଣୁ ନ ଥିଲେ...ମଞ୍ଜରୀମାନେ ତ ଆଉ ଗୋଟିଏ ପଦ ଆଗେ! ସେହି ମାନେ ଭଗବାନ କୃଷ୍ଣଙ୍କର କଥା ବି ଶୁଣନ୍ତି ନାହିଁ..ଯିଏ ସ୍ୱୟଂ ଭଗବାନ, ପରଂବ୍ରହ୍ମ, ପୂର୍ଣ ପୁରୁଷୋତ୍ତମ ଅଟନ୍ତି! ଭଗବାନ ତାଙ୍କର ଆଲିଙ୍ଗନ କରିବାକୁ ତତ୍ପର କିନ୍ତୁ ସେଇମାନେ ତାଙ୍କ ଆଜ୍ଞାର ବି ଅବହେଳନା କରୁଛନ୍ତି। ଆଉ ଆମେମାନେ

କାହାର ବି କଥା ଶୁଣି ନିଅନ୍ତି..କଣ ସିଦ୍ଧି ପାଇବାର ଆମର କିଛି ବି ସମ୍ଭାବନା ଅଛି? ସ୍ତବମାଳାରେ ରଘୁନାଥଦାସ ଗୋସେଇଁ କୁହନ୍ତି: 'ଯଦି ମୋତେ ଦ୍ଵାରିକାରେ ହରିକଥା ଶୁଦ୍ଧଭକ୍ତଙ୍କ ଦ୍ଵାରା ବି ଶୁଣିବା ପ୍ରାପ୍ତ ହୁଏ, ତେବେ ବି ମୁଁ ତାଙ୍କୁ ଶୁଣିବି ନାହିଁ।' କାହିଁକି? କାରଣ ଯେ ସେହି ଶ୍ରବଣ ଦ୍ଵାରା ତାଙ୍କର ଇଷ୍ଟନିଷ୍ଠାରେ ବାଧା ଉତ୍ପନ୍ନ ହେବ, ଯାହା ତାଙ୍କର ଇଷ୍ଟ କୁ ପ୍ରସନ୍ନ କରିବ ନାହିଁ। ଆଉ ଦ୍ଵାରିକନାଥଙ୍କ କଥା କେବଳ ଐଶ୍ଵର୍ଯ୍ୟଭାବରେ ନିମଜ୍ଜିତ ହୋଇ ଥିବ...ଆଉ ମହାପ୍ରଭୁପ୍ରଦତ୍ତ ଆମର ଭଜନ କେବଳ ମାଧୁର୍ଯ୍ୟରସରେ ଓତ-ପ୍ରୋତ ଭାବରେ ଜଡିତ । ପୂର୍ଣମାଧୁର୍ଯ୍ୟ ; ଐଶ୍ଵର୍ଯ୍ୟର ଗୋଟିଏ କଣ ବି ସେଥିରେ ବିଦ୍ୟମାନ ନୁହେଁ। ରାତ୍ରିଦିନେ କରି ରାଧାକୃଷ୍ଣର ସେବନ, ପରମମଧୁରଭାବର ସେବନ, ଐଶ୍ଵର୍ଯ୍ୟର ନୁହେଁ!

ଜପ କଲା ବେଳେ, ପ୍ରତ୍ୟେକ ମନକାରେ ଆମକୁ ପ୍ରାର୍ଥନା କରିବା ଦରକାର: 'ହା କିଶୋରୀ! ହା ରାଧିକେ! ଆପଣ କେଉଁ ଠି? ନିଜ ଦର୍ଶନ ଦେଇ ମୋତେ କୃତାର୍ଥ କରନ୍ତୁ! ମୋତେ ନିଜ ସେବାର ଅବସର ପ୍ରଦାନ କରନ୍ତୁ।' ଏଇ ଭାବନା ସହିତ ଜପକୁ ସୁସେବନ କୁହା ଯାଏ, ଶୁଆ ଭଳିଆ ମୁଖସ୍ତ ହରେକୃଷ୍ଣ ଜପକୁ  ନୁହେଁ! ଶ୍ରବଣ, କୀର୍ତ୍ତନ, ଅର୍ଚ୍ଚନ। କୀର୍ତ୍ତନ କେମିତି ହେବା ଦରକାର? ମୁଁ କିଏ? ମୋର ଇଷ୍ଟ କିଏ? କେବଳ ଆଉ କେବଳ ତାଙ୍କରି ପ୍ରସନ୍ନତା ପାଇଁ ହିଁ ମୁଁ କିଛି କହିବି...କେବଳ ତାଙ୍କର ସୁଖ ପାଇଁ ଚିନ୍ତନ କରିବି। ସ୍ଵାମିନୀଙ୍କର ପ୍ରସନ୍ନତା ବିନା ମଞ୍ଜରୀମାନେ ସ୍ମିତମୁଖି ବି ହୁଅନ୍ତି ନାହିଁ, କୃଷ୍ଣଙ୍କ ପାଇଁ ବି ନୁହେଁ! ସେଇ ମାନେ କେବଳ ରାଧିକା ପାଇଁ ହସନ୍ତି ବା କାନ୍ଦନ୍ତି। ଏହା କେଉଁ ପ୍ରକାରର ନିଷ୍ଠା? ଏହା ମଞ୍ଜରୀର ଭାବନିଷ୍ଠା! କେବଳ କିଶୋରୀଜୁଙ୍କର ଆନନ୍ଦ ପାଇଁ ଆମେ କିଛି କରନ୍ତି...ସିଦ୍ଧ ଅବସ୍ଥା ହେଉଁ କିମ୍ବା ସାଧକ ଅବସ୍ଥା।

ବାସ୍ତବିକ ଦୀକ୍ଷା ଏହି ଗୌଡିୟ ପରମ୍ପରାରେ ଦିଆ ଯାଏ, ଏହି ମୂଳପରମ୍ପରାରେ। ମୌଳିକ ପରମ୍ପରାରେ ନିତ୍ୟାନନ୍ଦ ପ୍ରଭୁ, ପଣ୍ଡିତ ଗଦାଧର, ବକ୍ରେଶ୍ଵର ପଣ୍ଡିତ, ଠାକୁର ମାହାଶୟ ଆଦିଙ୍କର ପରିବାର ଏହାର ଅନ୍ତର୍ଗତ ଆସେ। ଦୀକ୍ଷାକାଳେ ଗୁରୁ କଣ ଭାବୁ ଥାଆନ୍ତି? ଶିଷ୍ୟର ଭାବନା କେମିତି ହୋଇ ଥାଏ? ଗୁରୁଦେବ ଭାବନ୍ତି: 'ହେ କିଶୋରୀଜୁ ! ହେ ରୂପମଞ୍ଜରୀ! ମୁଁ ଆପଙ୍କର ସେବାରେ ଆଉ ଗୋଟିଏ ମଞ୍ଜରୀକୁ ଆଣିଛି।' ଆଉ ସାଧକ ଭାବେ: 'ମୋର ଅହୋ ଭାଗ୍ୟ ଯେ ମୋତେ କିଶୋରୀଜୁଙ୍କର ସେବାଧିକାର ପ୍ରାପ୍ତ ହୋଇଛି!' ଏହି ପ୍ରକ୍ରିୟାକୁ ଦୀକ୍ଷା କୁହା ଯାଏ। ଏହା  ନୁହେଁ ଯେ କିଛି ବି ରୀତିରେ ଦୀକ୍ଷା ହୋଇ ଗଲା...ହରେକୃଷ୍ଣ ନାଁ ଆଉ ମାଳା, ନା ଗୁରୁ ଜାଣନ୍ତି ସେ କଣ କରୁଛନ୍ତି ଆଉ ନା' ହିଁ ଶିଷ୍ୟ ଜାଣି ଥାଏ। ଗୁରୁ ଗୋଟିଏ ନୂତନ ମଞ୍ଜରୀକୁ ସେବାର୍ଥ ପ୍ରସ୍ତୁତ କରିଛନ୍ତି ଆଉ ସାଧକ ସେବାଧିକାରୀ ହୋଇ ଆନନ୍ଦିତ ହେଉଛି ଏହା ପରା ଗୌଡିୟ ବୈଷ୍ଣବ ଦୀକ୍ଷା! ଗୋଟିଏ ନିମିଷ ପାଇଁ ବି ଆମକୁ କେଉଁ ଅନ୍ୟ ବିଷ୍ଣୁତତ୍ତ୍ଵର ମନନ ଏବଂ ସେବା କରିବାର ନାହିଁ, ଯଦି ଆମକୁ ମହାପ୍ରଭୁଙ୍କର ମାର୍ଗରେ ଗତିମାନ ରହି ସିଦ୍ଧି ପ୍ରାପ୍ତ କରିବା କୁ ଚାହାନ୍ତି।

ବାମନ ଦ୍ଵାଦଶୀରେ ଆପଣ ବାମନଦେବଙ୍କର ସ୍ମରଣ କରି ପାରିବେ ଆଉ କଥା କରି ପାରିବେ, ଏହା ଠିକ ଅଛି। କିନ୍ତୁ ପ୍ରତିଦିନ ସକାଳେ ୮-୯, ୪୦-୫୦ଦିନ ପାଇଁ ଆପଣ ଭାଗବତରେ ବାମନଲିଳା ଶୁଣୁଛନ୍ତି...ଏହି ପ୍ରକ୍ରିୟା ଇଷ୍ଟନିଷ୍ଠା  ନୁହେଁ, ଏଇଟା ଗୌଡିୟ ବୈଷ୍ଣବଙ୍କର ଏକାନ୍ତିକ ଭଜନ  ନୁହେଁ। ଯଦି ଭାଗବତର ସପ୍ତମସ୍କନ୍ଧ ମାସ- ମାସ ଧରି କୁହା ଯାଏ, ଜଣେ କେବଳ ଭଗବାନ ନରସିଂହଙ୍କର ଚର୍ଚ୍ଚା ଶୁଣିଥାଏ। ଠିକ ଅଛି, ଭଗବାନ ନରସିଂହଙ୍କର ଜୟ ହୋ! କୁହନ୍ତୁ, ଏହା ରାଧାକୃଧନଙ୍କର ପ୍ରୀତି ପାଇଁ ନୁହେ। ଭକ୍ତି କେଉଁ ବଡ଼ବଜାରର ଭ୍ରମଣ ନୁହଁ...କେବେ ସେଟା ଶୁଣ କେବେ ଏଟା! ଆପଣଙ୍କର ତ୍ଵଚାର ପ୍ରତ୍ୟେକ ରୋମରେ...ପ୍ରତ୍ୟେକ ରକ୍ତବୁନ୍ଦରେ...କେବଳ ଶ୍ରୀରାଧାଙ୍କର ପ୍ରେମ ପ୍ରବାହିତ ହେବା ଦରକାର। ମଞ୍ଜରୀମାନେ ବିଶୁଦ୍ଧ ସେବାରସର ପ୍ରତିମୂର୍ତ୍ତି । ସେହିମାନେ ଯୁଗଳସେବାଭାବରୁ ନିର୍ମିତ । ସେହିମାନେ ଆଉକିଛି ବି ଭାବନ୍ତି ନାହିଁ...କାହାରି ବି ବିଷୟରେ...ଶ୍ରୀବଳଦେବଙ୍କର ବିଷୟରେ ବି  ନୁହେଁ!

ଆପଣ ଜୟଘୋଷ କରନ୍ତି: କୃଷ୍ଣଦାସ କବିରାଜଙ୍କର ଜୟ! ଶ୍ରୀ ରୁପଗୋସ୍ଵାମୀଙ୍କର ଜୟ! ସେ ସବୁ ଠିକ ଅଛି, କିନ୍ତୁ କଣ ଆପଣ ସିଦ୍ଧି ପାଇବାକୁ ଚାହାନ୍ତି? ତାହାଲେ ଆପଣଙ୍କୁ ତାଙ୍କରି ଭଳିଆ ସେବା କରିବାକୁ ପଡିବ। କଣ ଆପଣ ଭାବି ବି ପାରିବେ ଯେ ରୁପଗୋସେଇଁ ୧୯୩ ମାଳାରୁ ୬୪ ନରସିଂହଙ୍କର ପ୍ରସନ୍ନତା ପାଇଁ, ୬୪ କୃଷ୍ଣବଲରାମଙ୍କର ପ୍ରସନ୍ନତା ପାଇଁ, ୬୪ ସିତରାମଙ୍କର ପ୍ରସନ୍ନତା ପାଇଁ ଆଉ ଯାହା ଶେଷ ରହି ଗଲା ରାଧାକୃଷ୍ଣ କିମ୍ବା ଗୌରନିତାଇଙ୍କର ପ୍ରସନ୍ନତା ପାଇଁ କରୁ ଥିଲେ? ନାହିଁ, ନାହିଁ,

ନାହିଁ! କଣ ଆପଣ ଏହା କେବେ କରି ପାରିବେ? ମାତ୍ର ଏତିକି ତ ସ୍ପଷ୍ଟ ହେବା ଦରକାର ଯେ ଶ୍ରୀରୁପଗୋସେଇଁ କେବଳ ଯୁଗଳ ପ୍ରୀତି ପାଇଁ ସବୁ ମାଳା କରୁ ଥିବେ। ସିଦ୍ଧି ଚାହଁ? ତ ହରେକୃଷ୍ଣ କୀର୍ତ୍ତନ ଆଉ ଭଜନ କୁ ଉପହାସ୍ୟ ବନାନ୍ତୁ ନାହିଁ!

ଦୀକ୍ଷା କଣ? ଜାଣନ୍ତୁ! ମଞ୍ଜରୀ ଭାବ କଣ? ବୁଝନ୍ତୁ! ମଞ୍ଜରୀମାନଙ୍କର ସେବା କଣ? ଜାଣିବାର ଚେଷ୍ଟା କରନ୍ତୁ!

ଆପଣ ରାଧାକୁଣ୍ଡର ଆରତୀ କରୁଛନ୍ତି...କେବଳ ମଞ୍ଜରୀମାନେ ଏହି ଆରତୀ କରନ୍ତି। ଗୌଡିୟ ପରମ୍ପରାରେ ଗୁରୁଦେବ ସିଦ୍ଧପ୍ରଣାଳୀ ଆଉ ଏକାଦଶଭାବ ପ୍ରଦାନ କରନ୍ତି। ସେଇ ଆପଣଙ୍କୁ ଆପଣଙ୍କର ନିତ୍ୟ ମଞ୍ଜରୀସ୍ୱରୂପ ଦିଅନ୍ତି - ଆପଣଙ୍କର ନାଁ, ରୂପ, ସେବା ଆଉ ସବୁ କିଛି। ଆଉ ଏହି ସିଦ୍ଧସ୍ୱରୂପରେ ହିଁ ଆପଣ ରାଧାକୃଷ୍ଣଙ୍କର ଅଥବା ରାଧକୁଣ୍ଡର ଆରତୀ କରନ୍ତି। ଆମକୁ ଆମର ଇଷ୍ଟକୁ ଛାଡି ଆଉ କାହାକୁ ବି ଜାଣିବାର ଦରକାର ନାହିଁ । କିନ୍ତୁ ଏବେ ଆମର ଅବସ୍ଥା କଣ? ଆମେ ରାମ, ବାମନ, ବରାହ, ନରସିଂହ...ସଭିଙ୍କର ବିଷୟରେ ଜାଣିଛନ୍ତି। ସବୁର ଜ୍ଞାନ ହେବା ଆଉ ଖିଚୁଡ଼ି କରିବା....hotch-potch! ଏହି ଭକ୍ତିର ପ୍ରକ୍ରିୟା ନୁହେଁ।

ଆପଣ ଭକ୍ତ ଅଟନ୍ତି ଆଉ ୧୨ ବର୍ଷରୁ ଆପଣ ଗାୟତ୍ରୀ କରୁଛନ୍ତି। କିନ୍ତୁ କଣ ଆପଣ ଶାସ୍ତ୍ର-ସମ୍ମତ ମାର୍ଗକୁ ଜାଣିଛନ୍ତି? ନା? କିଛି କଥା ନାହିଁ। ଗାୟତ୍ରୀ ଯୋଗପିଠସ୍ଥ ଅଟେ। ଆପଣଙ୍କୁ ଗାୟତ୍ରୀ କରିବା ପାଇଁ ଯୋଗପିଠରେ ହେବାକୁ ପଡିବ। କିଛି ଜିନିଷ ଆପଣଙ୍କୁ ବୁଝି ହେବ ନାହିଁ, କିନ୍ତୁ ଏହି କଥା ଜାଣି ନିଅନ୍ତୁ ଯେ ଗୋଟିଏ ସ୍ଥାନ ଏମିତି ଅଛି ଯୋଉଁଠି ଶ୍ରୀଯୁଗଲ ଆପଣଙ୍କର ସେବା ସ୍ୱୀକାର କରନ୍ତି, ଆଉ ଆପଣଙ୍କୁ ସେହି ସ୍ଥାନରେ ସ୍ଥିତ ହୋଇ  ଗାୟତ୍ରୀ କରିବାକୁ ପଡିବ। ଗୌରଙ୍ଗମହାପ୍ରଭୁଙ୍କର ଆଉ ଶ୍ରୀଶ୍ରୀରାଧାକୃଷ୍ଣଙ୍କର ଯୋଗପିଠ ଭିନ୍ନ ଅଟେ। ଗୌର ଗାୟତ୍ରୀ ଆଉ ଯୁଗଳ ଗାୟତ୍ରୀ କରିବାର ରୀତି ବି ଭିନ୍ନ ଅଟେ। ଭକ୍ତି ବିଜ୍ଞାନ ପରି !

ନରୋତ୍ତମଦାସ ଠାକୁର ଶ୍ରୀରୁପ ଆଉ ଶ୍ରୀସନାତନ ପାଇଁ ପ୍ରେମଭକ୍ତିଚନ୍ଦ୍ରିକରେ କେମିତିକା ସଂବୋଧନ ଦିଅନ୍ତି?

**<u>ଜୟ ସନାତନ ରୂପ,ପ୍ରେମ ଭକ୍ତି ରସ କୂପ,</u>**
**<u>ଯୁଗଳ ଉଜ୍ଜଳମୟ ତନୁ ।</u>**
**ଯାହାର ପ୍ରସାଦେ ଲୋକ,ପାସାରିଲ ସବୁ ଶୋକ,**
**ପ୍ରକଟ କଳ୍ପ ତରୁ ଜନୁ ।। (ପ୍ରେମଭକ୍ତିଚନ୍ଦ୍ରିକା ୮)**

ମାହାଶୟ ରୂପ-ସନାତନଙ୍କର ପ୍ରଶଂସା କରି କହୁଛନ୍ତି ଯେ ସେମାନେ ଭକ୍ତିରସରେ ନିପୁଣ ଅଟନ୍ତି। କେବେ ଆପଣ ଆଚାର୍ଯ୍ୟବର୍ଯ୍ୟଙ୍କର ଏମିତିକା ଉପାଧିପ୍ରଦାନ ଶୁଣିଛନ୍ତି? ତାଙ୍କୁ କୃପାସିନ୍ଧୁ କୁହା ଯାଇ ଥାଏ, କୃପାକୂପ ନୁହେଁ! କିନ୍ତୁ ସମୁଦ୍ରାଜଳ ବହୁଧା ଜାଗାରୁ ଆସି ଥାଏ ଆଉ ପିବାକୁ ଖାରା ଲାଗେ କିନ୍ତୁ କୂପ କେମିତିଆ...*ପ୍ରେମଭକ୍ତିରସ କୂପ?* କୂପର ଜଳ ଅମିଶ୍ରିତ ଆଉ ମିଠା ହେଇ ଥାଏ। ଏହାକୁ ହିଁ ବିଶୁଦ୍ଧ ମାଧୁର୍ଯ୍ୟ କୁହା ଯାଏ। ଜୟ ସନାତନ-ରୂପ! ଆପଣଙ୍କର ଭକ୍ତିରେ ମିଶ୍ରଣ କିମ୍ବା ଐଶ୍ୱର୍ଯ୍ୟର କଣିକା ବି ବିଦ୍ୟମାନ ନୁହେଁ। ବୁଝିବାକୁ ଚେଷ୍ଟା କରନ୍ତୁ...ଆପଣଙ୍କର ଇଷ୍ଟ ଆଉ ନିଜ ସ୍ୱରୁପକୁ ଜାଣନ୍ତୁ। ଅର୍ଚ୍ଚନ-ଭଜନ ଦ୍ୱାରା ଆପଣ କେମିତି ନିଜ ଇଷ୍ଟଙ୍କର ପ୍ରସନ୍ନତା ପାଇ ପରିବେ? ଯଦି ଗୋଟିଏ ଶୁଦ୍ଧଭକ୍ତ ବି ଦ୍ୱାରିକାରେ କଥା କରେ ସେ ବି ଆପଣଙ୍କର ପାଇଁ ବୃଥା, ବୁଝିଲେ? ସଦା ସ୍ମରଣ ରଖନ୍ତୁ: ଆପଣଙ୍କର ପ୍ରତ୍ୟେକ କାର୍ଯ୍ୟକଳାପ ଦ୍ୱାରା ଆପଣଙ୍କର ଭାବ ପୋଷିତ ହେବା ଦରକାର।

ଆପଣ ଶ୍ରବଣ କଲେ ନା? ଶ୍ରବଣ କରନ୍ତୁ ନାହିଁ! ଶ୍ରବଣଭକ୍ତି କରନ୍ତୁ। ଆଉ ଶ୍ରବଣଭକ୍ତି କଣ? ହରିକଥାର ସେହି ପ୍ରକାରରେ ଶ୍ରବଣ ଯାହା ଦ୍ୱାରା ଆପଣଙ୍କର ଭାବ ପୁଷ୍ଟ ହୋଏ, ଏହା  ନୁହେଁ ଯେ ଆପଣ କିଛି ବି କଥା କେଉଁଠି ବି ଶୁଣିବାକୁ ବସିଯାନ୍ତି!

ବରାହ...ବମାନ...କିଛିଭି....କେଉଁଠି ବି...ଏକନିଷ୍ଠ ସାଧକ ପାଇଁ ଏହି ସବୁ ଶ୍ରବଣଭକ୍ତି  ନୁହେଁ। କେବଳ ଆରମ୍ଭରେ, କିଛି ମାସ ପାଇଁ ବା ଗୋଟିଏ- ଦିଟା ବର୍ଷ ପାଇଁ ଏହି ସବୁ ଠିକ୍। କିନ୍ତୁ ତତ୍ପଶ୍ଚାତ ଆପଣଙ୍କୁ କେବଳ ଗୋଟିଏ ସିଧାପଥରେ ଅଗ୍ରସର ହେବାକୁ ପଡିବ...କେବଳ ଗୋଟିଏ ବିଶେଷ ଭାବରେ..*ସଦାଇ କରିବ ସୁସେବନା* ଯଦି ଆପଣଙ୍କର ଇଷ୍ଟ ପ୍ରସନ୍ନ ହୁଅନ୍ତି ତେବେ ଆପଣଙ୍କର ଭାବ ସ୍ୱତଃ ପୁଷ୍ଟ ହୋଇ ଯିବ। ଆଉ ଆପଣ ଏହି ସେବା କେମିତି କରିବେ? କିଛି ବିଶେଷ ଭାବ ଦ୍ୱାରା। ରୂପମଞ୍ଜରୀ ଠାକୁରଙ୍କର ସେବା ସର୍ବଦା ମଞ୍ଜରିଭାବରେ କରିବେ, କେବେ ବି ସଖୀଭାବରେ  ନୁହେଁ। ଏହି ନୈଷ୍ଠୀକ ଭକ୍ତିକୁ ବୁଝିପାରୁଛନ୍ତି କି? ଏହାକୁ ଛାଡି ଆଉ ସବୁ କିଛି ଅନୈଷ୍ଠୀକ ଭକ୍ତି। ଆମର ଭକ୍ତି ନୈଷ୍ଠୀକ ହେବା ଦରକାର।

ଆମର ଦେହ ଶ୍ରୀଯୁଗଲକିଶୋରଙ୍କର ସେବଭାବରେ ନିର୍ମିତ। ତାହାଲେ, ଯଦି ଆପଣ ସିଦ୍ଧି ପ୍ରାପ୍ତ କରିବାକୁ ଚାହାନ୍ତି ତେବେ ଆପଣଙ୍କର ଦେହ ବି ସେହି ଭାବରୁ ସମ୍ପୁଟିତ ହେବା ଦରକାର। ଆମକୁ ଲଳିତା, ବିଶାଖା କିମ୍ବା ମାତା ଯଶୋଦା ହେବାର ପ୍ରଯତ୍ନ କରିବାର ଦରକାର ନାହିଁ, ଆମୁକୁ କେବଳ ତାଙ୍କର ଭାବନିଷ୍ଠା ଅବଲୋକନ କରିବାର ଅଛି। ଏହି ଭକ୍ତମାନେ - ଲଳିତା, ବିଶାଖା, ରୂପମଞ୍ଜରୀ - ଏମାନଙ୍କୁ ଆମେ ରାଗାତ୍ମିକା ଭକ୍ତ କୁହନ୍ତି, ଭକ୍ତ ଯାହାଙ୍କର କେଉଁ ବିଶେଷ ଭାବରେ ନିଷ୍ଠା ଥାଏ। ଆଉ ଆମକୁ ତାଙ୍କର ରାଗର ଅନୁସରଣ କରି, ଯାହା ଦ୍ୱାରା ସେ ଅର୍ଚ୍ଚନ କରନ୍ତି, ଆମକୁ ଭାବସିଦ୍ଧି ପ୍ରାପ୍ତ ହେବ। ମଞ୍ଜରୀଭାବରେ ସିଦ୍ଧି ଆମର ପ୍ରୟୋଜନ ଅଟେ।

ବିଲ୍ୱମଙ୍ଗଳଠାକୁର ସଖାଭାବ ରେ ସିଦ୍ଧି ପାଇଥିଲେ, ଆମକୁ ମଞ୍ଜରୀଭାବରେ ସିଦ୍ଧ ହେବାର ଅଛି। ବାକି ସବୁ କିଛି ଭୁଲି ଯାଆନ୍ତୁ। ଭୁଲି ଯାଆନ୍ତୁ ଆପଣଙ୍କୁ କେହି ବି କିଛି କହିଛି । ଆମେ ଅନେକ ଥର କୁହନ୍ତି: ଏହି ବିଷ୍ଣୁପାଦ ଏମିତି କହିଲେ...ସେଇ ପ୍ରଭୁପାଦ ସେମିତି କହିଲେ...ନାହିଁ! ଆମକୁ ଏହି ସବୁ କଥା ଭାବିବା ଦରକାର ନାହିଁ। ଯଦି ଦ୍ୱାରିକାନାଥ ବି କିଛି କୁହନ୍ତି ତାକୁ ବି ଭୁଲି ଯାଆନ୍ତି। ଆପଣ କେବଳ ଏହି କଥାରେ ଧ୍ୟାନ କେନ୍ଦ୍ରିତ କରନ୍ତୁ ଯାହା ଶ୍ରୀରୂପମଞ୍ଜରୀ ଆପଣଙ୍କୁ କହିବାକୁ ଚାହଁନ୍ତି, ଆପଣଙ୍କର ରାଧାରାଣୀ ଆପଣଙ୍କୁ କହିବାକୁ ଚାହଁନ୍ତି ଆଉ ଆପଙ୍କର ଗୁରୁଦେବ କହିବାର ଚେଷ୍ଟା କରୁଛନ୍ତି। କେବଳ ଏହାକୁହି ମନେ ରଖନ୍ତୁ; ଏହି କଥା ମନେ ରଖିବା ହିଁ ପର୍ଯ୍ୟାପ୍ତ ଅଟେ।
ଯେଉଁ ପଥ ଶ୍ରୀରୂପ-ସନାତନ ପ୍ରଦତ୍ତ, ସେହି ମାର୍ଗରେ ଐଶ୍ୱର୍ଯ୍ୟର ଝାପ୍ସା ବି ଦିସେ ନାହିଁ। ତେବେ କଣ ଶ୍ରୀରାମ ଆଉ ଶ୍ରୀନରସିଂହଙ୍କର ବିଗ୍ରହ ଉପସ୍ଥିତ ହେବେ? ନା! ଆମେ ଭକ୍ତମାନଙ୍କୁ ଶ୍ରୀବରାହଦେବଙ୍କ ସମକ୍ଷ ବଡ଼ବଡ଼ ମନ୍ଦିରରେ ହରେକୃଷ୍ଣ କୀର୍ତ୍ତନ କରିବାର ଦେଖନ୍ତି। ମୁଁ ନିଜ ଚକ୍ଷୁରେ ଦେଖିଛି ବରାହ-ଲକ୍ଷ୍ମୀଙ୍କର ବିଗ୍ରହକୁ! ଏହି ମାର୍ଗ ସଡ଼-ଗୋସେଇଁ ପ୍ରଦତ୍ତ  ନୁହେଁ। ସେଇମାନଙ୍କର ଏହା କେବେ ନବି କହି ନ ଥିଲେ..କେବେ କରି ନ ଥିଲେ ।

ସମ୍ମାର୍ଗର ସଠିକ ଅନୁସରଣରେ ଏତେ ଆସ୍ୱାଦନ ଅଛି ଯାହା ବଚନାତିତ ଅଟେ। ଗୋଟିଏ ଭାବରେ ଏକାଗ୍ର ନିଷ୍ଠା ଦ୍ୱାରା ହିଁ ମୁଁ ଠାକୁରଙ୍କର ସେବା କରି ପାରିବି। ଆଉ ଗୁରୁ ଧାରଣ କାରିବା ଭକ୍ତିର ଅନ୍ତିମ ଚରଣ ନୁହେଁ ବରଂ ପ୍ରଥମ ସୋପାନ ଅଟେ। ସଠିକ ମନ୍ତ୍ର ଦ୍ୱାରା, ଦୀକ୍ଷା ବିଜ ମନ୍ତ୍ର ଦ୍ୱାରା ଆମକୁ ବିଗ୍ରହ ସେବାର ଅଧିକାର ମିଳି ଥାଏ । ବିଜ ମନ୍ତ୍ର ଦୀକ୍ଷା ହିଁ ଗୋଲୋକ ସେବାର ପ୍ରବେଶଦ୍ୱାର ଆଉ ମହାପ୍ରଭୁଙ୍କର ସମ୍ପ୍ରଦାୟରାର ଆନୁଗତ୍ୟ, ଯାହା ୫୦୦ ବର୍ଷୀୟ ପୁରାତନ। ସବୁ ପରିବାର ଆଜି ବି ବିଦ୍ୟମାନ ଅଛନ୍ତି। ଆପଣ ନବଦ୍ୱିପ ଯାଇ ଦେଖନ୍ତୁ- ମହାପ୍ରଭୁଙ୍କର ମୌଳିକ ଜନ୍ମସ୍ଥଳୀ ଆଉ ଗୌରକିଶୋରଦାସ ବାବାଜିଙ୍କର ମୂଳ ସମାଧି, ଯାହା ବେଶି ଲୋକଙ୍କୁ ଜଣା ନାହିଁ।
ଠାକୁରଙ୍କର ସେବା କେବଳ ଆଧାତ୍ମିକ ସିଦ୍ଧଦେହ ଦ୍ୱାରା ହିଁ ସମ୍ଭବ। ଆଉ ସେହି ଦେହ କେମିତି ଆଧାତ୍ମିକ ହୁଏ? ଯେବେ ଗୁରୁଦେବ ଆପଣଙ୍କୁ ଦୀକ୍ଷା ପ୍ରଦାନ କରନ୍ତି, ସେ ଆପଣଙ୍କର ଦେହ କୁ ଚିନ୍ମୟ କରି ଦିଅନ୍ତି। ଯଦ୍ୟପି ଆପଣ ସେହି ମଳ-ମୂତ୍ରର ଆବରଣରେ ଥାଆନ୍ତି, ଆପଣ ବିଜମନ୍ତ୍ରର ଦୀକ୍ଷା ପରେ ରାଧାରାଣୀଙ୍କର ସେବା କରି ପାରିବେ। ଗୁରୁଦେବ ଆପଣଙ୍କର ସମ୍ବନ୍ଧ ଶ୍ରୀଯୁଗଳଙ୍କ ସାଙ୍ଗରେ ଗୋଟିଏ ବିଶେଷଭାବରେ ସ୍ଥାପିତ କରନ୍ତି ଆଉ ତାକୁ ପୋଷିତ କରନ୍ତି।

ଆପଣଙ୍କର ମଧ୍ୟରେ ନବଦ୍ୱୀପ କିଏ ଯାଇଛନ୍ତି? ହାଁ! ତେବେ ଆପଣ ଗୌରାଙ୍ଗ ମହାପ୍ରଭୁଙ୍କୁ କେମିତି ସ୍ମରଣ କରୁ ଥିଲେ...ଗୃହସ୍ଥ ବେଶରେ କିମ୍ବା ସନ୍ୟାସ ରୂପରେ? ସନ୍ୟାସୀ ଗୌର ଆମର ଇଷ୍ଟ ନୁହନ୍ତି! ରୂପଗୋସେଇଁଙ୍କର ଇଷ୍ଟ ବିବାହିତ ଗୌର। ଗୌରଙ୍ଗମହାପ୍ରଭୁଙ୍କର ଦୁଇଜଣ ସ୍ତ୍ରୀ ଅଟନ୍ତି- ଲକ୍ଷ୍ମୀପ୍ରିୟା ଆଉ ବିଷ୍ଣୁପ୍ରିୟା। ଆମର ଇଷ୍ଟ ବିବାହିତ ଗୌର ଅଟନ୍ତି। ପ୍ରତିରାତ୍ରୀ

ଆମେ କୀର୍ତ୍ତନ ପଶ୍ଚାତ ମହାପ୍ରଭୁଙ୍କ ସାଂଗରେ ଶ୍ରୀବାସଅଙ୍ଗନରେ ଶୟନ କରନ୍ତି ଆଉ ସକାଳେ ତାଙ୍କୁ ଉଠେଇ ସେବା କରନ୍ତି। ପ୍ରତିଦିନ ତାଙ୍କର ନିବାସସ୍ଥାନ ଫେରି ପ୍ରସାଦସେବା କରନ୍ତି ଆଉ ଭାଗବତର ପାଠ କରନ୍ତି। ତେବେ ସ୍ପଷ୍ଟଭାବରେ ଜାଣନ୍ତୁ: ଗୌରାଙ୍ଗମହାପ୍ରଭୁଙ୍କର ଅର୍ଚ୍ଚନା ଆମେ କେମିତି କରନ୍ତି? ଆଉ ଆମର ଗୌର କିଏ? ଆମର ପ୍ରାଣଗୌରାଙ୍ଗ ଗୃହସ୍ଥଗୌର ଅଟନ୍ତି, ସନ୍ୟାସୀ ଗୌର  ନୁହେଁ।

ଆଜି ପାଇଁ ଏତିକି ହି।

**ହରେ କୃଷ୍ଣ!**

